# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**23 March – 2026**

# ପ୍ରଧାନମନ୍ତ୍ରୀ-ପଶ୍ଚିମ ଏସିଆ ବିବାଦ

ପଶ୍ଚିମ ଏସିଆ ବିବାଦ ପରିପ୍ରେକ୍ଷିରେ ଦେଶବାସୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧାସୁଯୋଗ ସୁନିଶ୍ଚିତ କରିବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି ଅନୁଷ୍ଠିତ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ମୋଦୀ ଏଥିପାଇଁ ସବୁ ସରକାରୀ ବିଭାଗ ସମ୍ମିଳିତ ପ୍ରୟାସ କରିବାକୁ ପରାମର୍ଶ ଦେଇଛନ୍ତି । କଳାବଜାରୀକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ସହ ମିଳିମିଶି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମୋଦୀ ସଂପୃକ୍ତ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ କ୍ୟାବିନେଟ୍ ସଚିବ ଡକ୍ଟର ଟି.ଭି. ସୋମନାଥନ ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତିରେ ବିଭିନ୍ନ ମନ୍ତ୍ରଣାଳୟ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ଏକ ରିପୋର୍ଟ ଉପସ୍ଥାପନ କରିଛନ୍ତି ।

# ଓଡ଼ିଶା ପର୍ବ

ଓଡ଼ିଶା ଓ ଗୁଜୁରାଟ ମଧ୍ୟରେ ସଂସ୍କୃତି, ବାଣିଜ୍ୟ, ପର୍ଯ୍ୟଟନ ଏବଂ ଗୋଷ୍ଠୀଗତ ବିକାଶ କ୍ଷେତ୍ରରେ ସହଯୋଗର ଅନେକ ସମ୍ଭାବନା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି । ଅହମ୍ମଦାବାଦରେ ଚାଲିଥିବା ଓଡ଼ିଶା ପର୍ବର ଗତକାଲି ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ

ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ଏହି ପର୍ବ ଉଭୟ ରାଜ୍ୟ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବାରେ ଏକ ମଞ୍ଚ ପ୍ରଦାନ କରିବ । ଗତକାଲିର କାର୍ଯ୍ୟକ୍ରମରେ ଗୁଜୁରାଟରେ ରହୁଥିବା ପ୍ରବାସୀ ଓଡ଼ିଆ ବହୁସଂଖ୍ୟାରେ ଯୋଗଦେଇ ସେମାନଙ୍କର ଅନୁଭୂତି ଉପରେ ଆଲୋକପାତ କରିଥିଲେ । ଏହି ପର୍ବ ଆଜି ଉଦ୍‌ଯାପିତ ହେଉଛି ।

## ରାଜ୍ୟପାଳ-ବାର୍ଷିକ ଉତ୍ସବ

ଭବିଷ୍ୟତ ପୀଢ଼ିକୁ ମାର୍ଗଦର୍ଶନ କରିବାରେ ପୂର୍ବତନ ଛାତ୍ରସଂଘର ଅଭିଜ୍ଞତା, ଜ୍ଞାନ ଏବଂ ଅର୍ନ୍ତଦୃଷ୍ଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱରସ୍ଥିତ ଓୟୁଏଟିର ପଶୁଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଜେ.ଏନ୍.ୟୁ ଓଡ଼ିଶା ଆଲୁମିନି ସଂଘର ବାର୍ଷିକ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ସମାବେଶୀ ଏବଂ ନିରନ୍ତର ବିକାଶ ପଥରେ ସାମୁହିକ ପ୍ରୟାସର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱପ୍ରଦାନ କରିଛନ୍ତି । ଏହି ଅବସରରେ ସଂଘର ଏକ ସ୍ମରଣିକାକୁ ରାଜ୍ୟପାଳ ଉନ୍ମୋଚନ କରିଛନ୍ତି ।

## ମାନବାଧିକାର ଶିକ୍ଷା ପ୍ରଚାର

ବ୍ୟକ୍ତିଗତ ଅଧିକାରର ସୁରକ୍ଷା ସହିତ ଅନ୍ୟମାନଙ୍କ ଅଧିକାରକୁ ସମାନ ଭାବେ ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବା ଆବଶ୍ୟକ ବୋଲି ରାଷ୍ଟ୍ରୀୟ ମାନବାଧିକାର ଆୟୋଗର ସ୍ୱତନ୍ତ୍ର ତଦାରଖ ପ୍ରଫେସର କହ୍ନେୟା ତ୍ରିପାଠୀ

କହିଛନ୍ତି । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ପରିଦର୍ଶନରେ ଆସି ଗତକାଲି ଏକ ଆଲୋଚନା ବୈଠକରେ ଶ୍ରୀ ତ୍ରିପାଠୀ ମାନବାଧିକାର ଶିକ୍ଷାକୁ ପ୍ରଚାର ଓ ପ୍ରସାର କରିବାରେ ଶିକ୍ଷାନୁଷ୍ଠାନର ଭୂମିକା ଉପରେ ଆଲୋକପାତ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟରେ ମାନବାଧିକାର କେନ୍ଦ୍ର ସ୍ଥାପନ, ଡିଗ୍ରୀ ଓ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ ଆଦି ନେଇ ଶ୍ରୀ ତ୍ରିପାଠୀ ପରାମର୍ଶ ଦେଇଛନ୍ତି ।

# ଉଚ୍ଚଶିକ୍ଷାମନ୍ତ୍ରୀ ଉଦ୍‌ଘାଟନ

ଭଦ୍ରକ ଜିଲ୍ଲା ଧାମନଗର ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ଅସୁରାଳୀଠାରେ ୭୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପ୍ରାଥମିକ ଆୟୁଷ୍ମାନ ସ୍ୱାସ୍ଥ୍ୟକେନ୍ଦ୍ର ଖପରପଦା ପଞ୍ଚାୟତରେ ପାନୀୟ ଜଳ ସଂରକ୍ଷଣ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ । ଏଥିସହ ଶ୍ରୀ ସୂରଜ କେତେକ ପ୍ରକଳ୍ପର ଗତକାଲି ଶିଳାନ୍ୟାସ କରିଛନ୍ତି ।

# ବଳିଦାନ ଦିବସ

ମହାନ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହ, ସୁକଦେବ ଥାପର ଏବଂ ଜୟୀ ରାଜଗୁରୁଙ୍କ ଆଜି ହେଉଛି ବଳିଦାନ ଦିବସ । ଇଂରେଜ ସରକାର ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖରେ ଏହି ତିନି ମହାନ୍ ଯୋଦ୍ଧାଙ୍କୁ ଫାଶୀ ଦେଇଥିଲେ । ସେମାନଙ୍କର ଦେଶପ୍ରେମ ଏବଂ ବଳିଦାନକୁ ସ୍ମରଣ କରିବା ପାଇଁ ଦେଶବ୍ୟାପୀ ଆଜି ଶହୀଦ ଦିବସ ପାଳନ କରାଯାଉଛି । ଏହି

ଅବସରରେ ଜାତୀୟ ଗୀତର ୧୫୦ ବର୍ଷ ପାଳନ ଏବଂ ସହିଦ ଦିବସ ଅବସରରେ ଆଜିଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ବନ୍ଦେ ମାତରମ୍ ପ୍ରତିଯୋଗିତା ଆରମ୍ଭ ହେଉଛି । ବନ୍ଦେ ମାତରମ୍ ସହିତ ସଂଶ୍ଲିଷ୍ଟ ସଂସ୍କୃତି, ବ୍ୟକ୍ତିବିଶେଷ, ସ୍ଥାନ ଓ ଘଟଣାବଳୀ ଆଧାରିତ ଜାତୀୟ ଚଳଚ୍ଚିତ୍ର ନିର୍ମାଣ ପ୍ରତିଯୋଗିତା ଏଥିରେ ଅନ୍ତର୍ଭୁକ୍ତ । ୧୫ବର୍ଷରୁ ଅଧିକ ଯୁବବର୍ଗଙ୍କଠାରୁ ରିଲ୍‌ସ, କୃତ୍ରିମ ବୁଦ୍ଧିମତା ଆଧାରିତ ଚଳଚ୍ଚିତ୍ର ଏବଂ କ୍ଷୁଦ୍ର ଚଳଚ୍ଚିତ୍ର ବର୍ଗରେ ସୃଜନଶୀଳ ପ୍ରସ୍ତୁତିର ଆହ୍ୱାନ କରାଯାଇଛି ।

# କାୟାକଳ୍ପ ପୁରସ୍କାର

ଜାତୀୟ ଗୁଣବତ୍ତା ମାନ ପ୍ରମାଣପତ୍ର କ୍ଷେତ୍ରରେ ଚଳିତବର୍ଷ ଗଞ୍ଜାମ ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଜିଲ୍ଲାର ସମସ୍ତ ୮ଟି ସହରାଞ୍ଚଳ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏହି ମାନ୍ୟତା ପାଇଛି । ଜିଲ୍ଲାର ୬ଟି ଗ୍ରାମାଞ୍ଚଳ ପ୍ରାଥମିକ କେନ୍ଦ୍ର ଏବଂ ୨୩୧ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପକେନ୍ଦ୍ର ଏହି ପ୍ରମାଣପତ୍ର ପାଇଥିବା ଜଣାପଡିଛି । ଚଳିତବର୍ଷ କାୟାକଳ୍ପ ପୁରସ୍କାରରେ ଗଞ୍ଜାମ ଜିଲ୍ଲା ଶୀର୍ଷସ୍ଥାନ ଅଧିକାର କରିଛି ।

# ଖଦି ମେଳା

ରାଜ୍ୟସ୍ତରୀୟ ଖଦି ମେଳା ୨୦୨୫-୨୬ ଆଜିଠାରୁ ଭୁବନେଶ୍ୱରଠାରେ ଆରମ୍ଭ ହେଉଛି । ଖାରବେଳନଗରସ୍ଥିତ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ମେଳାକୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିବେ ।

ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଆୟୋଜିତ ଏହି ମେଳା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ବିଶ୍ୱ ପାଣିପାଗ ଦିବସ

ପାଣିପାଗ ଏବଂ ଏଥିସହିତ ଜଡ଼ିତ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ପାଣିପାଗ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବାର୍ତ୍ତା ରହିଛି, 'ଆଜିର ପର୍ଯ୍ୟବେକ୍ଷଣ, ଆସନ୍ତାକାଲିର ସୁରକ୍ଷା' । ୧୯୫୦ ମସିହା ଆଜିର ଦିନରେ ସ୍ୱିଜରଲ୍ୟାଣ୍ଡର ଜେନେଭା ଠାରେ ବିଶ୍ୱ ପାଣିପାଗ ବିଭାଗ ଗଠନ କରାଯାଇଥିଲା ।

## ଆଲୋକୀକରଣ ବ୍ୟବସ୍ଥା

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ରେଡ଼ିଓ ଷ୍ଟେସନଠାରୁ ଧୋବାନାଳ ରାସ୍ତା ପର୍ଯ୍ୟନ୍ତ ଆଲୋକୀକରଣ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଛି । ବିଧାୟକ କେ. ଅନୀଲ କୁମାରଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ବ୍ୟବସ୍ଥାରେ ବିଧାୟକ ପାଣ୍ଠିରୁ ୧୨ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।